# NATIONAL NEWS BULLETIN (ODIA)

## 03rd August - 2025

## Evening Bulletin : 7.15 p.m.

***********************************

ଆକାଶବାଣୀ..... ସମ୍ବାଦ ପଢୁଛନ୍ତି..... **ପ୍ରଜ୍ଞା ପରିମିତା ଜେନା**

## ମୁଖ୍ୟ ସମ୍ବାଦ

- ଭାରତକୁ ଆସନ୍ତାକାଲିଠାରୁ ପାଞ୍ଚଦିନିଆ ଗସ୍ତରେ ଆସୁଛନ୍ତି ଫିଲିପାଇନ୍ସ ରାଷ୍ଟ୍ରପତି ।
- ଆର୍.ଜେ.ଡି. ନେତା ତେଜସ୍ୱୀ ପ୍ରସାଦ ଯାଦବଙ୍କୁ ତଦନ୍ତ ପାଇଁ ବିବରଣୀ ପ୍ରଦାନ କରିବାକୁ ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶ ।
- ଉତ୍ତର ପ୍ରଦେଶ ସଡ଼କ ଦୁର୍ଘଟଣାରେ ମୃତକଙ୍କ ପରିବାର ପାଇଁ ସହାୟତା ରାଶି ଘୋଷଣା କଲେ ପ୍ରଧାନମନ୍ତ୍ରୀ ।

— ଆନ୍ଧ୍ରପ୍ରଦେଶ ଗ୍ରାନାଇଟ୍ ଖଣି ଦୁର୍ଘଟଣାରେ ୬ ଓଡ଼ିଆ ଶ୍ରମିକ ମୃତ ।

- ଇସ୍ରାଏଲ ସହ ଯୁଦ୍ଧବିରତି ପରେ ବିମାନ ଉଡ଼ାଣ ପାଇଁ ଆକାଶମାର୍ଗ ଉନ୍ମୁକ୍ତ କଲା ଇରାନ ।

ଏବଂ

- ଆଣ୍ଡରସନ୍-ତେନ୍ଦୁଲକର ଟ୍ରଫିର ପଞ୍ଚମ ଟେଷ୍ଟ ମ୍ୟାଚ୍‌ର ଆଜି ଚତୁର୍ଥ ଦିନରେ ଇଂଲଣ୍ଡର ଦ୍ୱିତୀୟ ଇନିଂସ ବ୍ୟାଟିଂ ଜାରି ।

## ଫିଲିପାଇନ୍ସ ପ୍ରେସିଡେଣ୍ଟ ଭିଜିଟ୍

ଫିଲିପାଇନ୍ସ ରାଷ୍ଟ୍ରପତି ଫର୍ଡିନାଣ୍ଡ ଆର୍. ମାର୍କୋସ୍ ଜୁନିୟର୍ ଆସନ୍ତାକାଲି ଭାରତକୁ ପାଞ୍ଚଦିନିଆ ଗସ୍ତରେ ଆସୁଛନ୍ତି । ତାଙ୍କ ସହିତ ସେଦେଶର ପ୍ରଥମ ମହିଳା ଲୁଇସ୍ ଆରାନେଟା ମାର୍କୋସ୍ ଏବଂ ଏକ ଉଚ୍ଚସ୍ତରୀୟ ପ୍ରତିନିଧିମଣ୍ଡଳି ଆସୁଛନ୍ତି । ବହୁ କ୍ୟାବିନେଟ୍ ମନ୍ତ୍ରୀଙ୍କ ସମେତ ବରିଷ୍ଠ ଅଧିକାରୀ, ବ୍ୟାବସାୟିକ ପ୍ରତିନିଧି ଦଳ ମଧ୍ୟ ଆସିବାର କାର୍ଯ୍ୟସୂଚୀ ରହିଛି । ଫିଲିପାଇନ୍ସ ରାଷ୍ଟ୍ରପତି ପଦ ଗ୍ରହଣ କରିବା ପରେ ରାଷ୍ଟ୍ରପତି ମାର୍କୋସ୍‌ଙ୍କର ଏହା ହେବ ପ୍ରଥମ ଭାରତ ଗସ୍ତ । ଭାରତରେ ରହଣି କାଳରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ରାଷ୍ଟ୍ରପତି ମାର୍କୋସ୍‌ଙ୍କ ମଧ୍ୟରେ ଆସନ୍ତା ମଙ୍ଗଳବାର ଦିନ ଦ୍ୱିପାକ୍ଷିକ ଆଲୋଚନା ହେବାର କାର୍ଯ୍ୟକ୍ରମ ରହିଛି । ଶ୍ରୀ ମାର୍କୋସ୍' ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ମଧ୍ୟ ସାକ୍ଷାତ୍ କରିବେ । ଏହି ଗସ୍ତ ସମୟରେ ବୈଦେଶିକ ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର ମଧ୍ୟ ରାଷ୍ଟ୍ରପତି ମାର୍କୋସ୍‌ଙ୍କ ସହିତ ସାକ୍ଷାତ୍ କରିବାର କାର୍ଯ୍ୟକ୍ରମ ରହିଛି ।

ଭାରତ ଏବଂ ଫିଲିପାଇନ୍ସ ମଧ୍ୟରେ ନଭେମ୍ବର ୧୯୪୯ ମସିହାରେ କୂଟନୈତିକ ସମ୍ପର୍କ ପ୍ରତିଷ୍ଠା ହୋଇଥିଲା । ଉଭୟ ଦେଶ ମଧ୍ୟରେ ବାଣିଜ୍ୟ ଏବଂ ନିବେଶ, ପ୍ରତିରକ୍ଷା ଏବଂ ସୁରକ୍ଷା, ସାମୁଦ୍ରିକ ସହଯୋଗ, କୃଷି, ସ୍ୱାସ୍ଥ୍ୟସେବା, ଔଷଧ ଏବଂ ଡିଜିଟାଲ୍ ପ୍ରଯୁକ୍ତିବିଦ୍ୟା ସମେତ ବିଭିନ୍ନ କ୍ଷେତ୍ରରେ ଏକ ଦୃଢ଼ ସହଭାଗିତା ବିକଶିତ ହୋଇଛି । ଉଭୟ ଦେଶ ଆଞ୍ଚଳିକ ସ୍ତରରେ ମଧ୍ୟ ଘନିଷ୍ଠ ଭାବରେ କାର୍ଯ୍ୟ କରୁଛନ୍ତି । ରାଷ୍ଟ୍ରପତି ମାର୍କୋସ୍ ଫିଲିପାଇନ୍ସ ଫେରିବା ପୂର୍ବରୁ ବେଙ୍ଗାଲୁରୁ ଗସ୍ତରେ ଯିବାର କାର୍ଯ୍ୟକ୍ରମ ରହିଛି ।

## ବିହାର - ତେଜସ୍ୱୀ କଣ୍ଟ୍ରୋଭର୍ସି

ବିହାରରେ ଭାରତୀୟ ନିର୍ବାଚନ କମିଶନ' ଦୁଇଟି ଭୋଟର ପରିଚୟ ପତ୍ର ବିବାଦରେ ଛନ୍ଦି ହୋଇଥିବା ରାଷ୍ଟ୍ରୀୟ ଜନତା ଦଳ - ଆର୍.ଜେ.ଡି.ର ନେତା ତେଜସ୍ୱୀ ପ୍ରସାଦ ଯାଦବଙ୍କୁ ତୁରନ୍ତ ତଦନ୍ତପାଇଁ ବିବରଣୀ ପ୍ରଦାନ କରିବାକୁ କହିଛନ୍ତି । ଦିଘା ବିଧାନସଭା ନିର୍ବାଚନ ମଣ୍ଡଳିର ନିର୍ବାଚନ ପଞ୍ଜୀକରଣ ଅଧିକାରୀ କହିଛନ୍ତି, ଗତକାଲି ଶ୍ରୀ ଯାଦବ ଏକ ସାମ୍ବାଦିକ ସମ୍ମିଳନୀରେ ପ୍ରଦର୍ଶନ କରିଥିବା ଭୋଟର ପରିଚୟ ପତ୍ର ନିର୍ବାଚନ କମିଶନଙ୍କଦ୍ୱାରା ଜାରି କରାଯାଇ ନ ଥିଲା । ଆର୍.ଜେ.ଡି.ର ଏହି ନେତାଙ୍କ ନାମ ଦିଘା ବିଧାନସଭା ନିର୍ବାଚନ ମଣ୍ଡଳିର ଭୋଟର୍ ତାଲିକାରେ ରହିଛି ।

ଶ୍ରୀ ଯାଦବ ଭୋଟ୍ ପରିଚୟ ପତ୍ର କାର୍ଡ଼ ନମ୍ବର ଦେଖାଇ ଅଭିଯୋଗ କରିଥିଲେ, ତାଙ୍କ ନାମ ଚିଠା ଭୋଟର୍ ତାଲିକାରୁ ବାଦ୍ ଦିଆଯାଇଛି । ପାଟନା ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲା ମାଜିଷ୍ଟ୍ରେଟ୍ ଡକ୍ଟର ତ୍ୟାଗରାଜନ୍ ଏହି ଦାବୀକୁ ଖଣ୍ଡନ କରିଛନ୍ତି । ଜିଲ୍ଲା ନିର୍ବାଚନ ଅଧିକାରୀ ଭୋଟର୍ ପରିଚୟ କାର୍ଡ଼ ନମ୍ବର ସହିତ ଭୋଟର୍ ତାଲିକାକୁ ସାର୍ବଜନୀନ କରିଥିଲେ । ତେବେ ତେଜସ୍ୱୀ ପ୍ରସାଦ ଯାଦବଙ୍କ ନାମ ସେହି ତାଲିକାରେ ଥିବା ନେଇ ସ୍ପଷ୍ଟ କରିଥିଲେ ।  ପାଟନାର ବି.ଜେ.ପି. ମୁଖ୍ୟ କାର୍ଯ୍ୟାଳୟଠାରେ ଏକ ସାମ୍ବାଦିକ ସମ୍ମିଳନୀରେ ଏନ୍.ଡି.ଏ. ମୁଖପାତ୍ର କହିଛନ୍ତି, ଜଣଙ୍କ ପାଖରେ  ଦୁଇଟି ଭୋଟର୍ ପରିଚୟ ରହିବା ଏକ ଦଣ୍ଡନୀୟ ଅପରାଧ ଏବଂ ଏହି ମାମଲାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଉଚିତ ।

## ୟୁ.ପି. ଆକ୍ସିଡେଣ୍ଟ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଉତ୍ତରପ୍ରଦେଶର ଗୋଣ୍ଡାଠାରେ ହୋଇଥିବା ସଡ଼କ ଦୁର୍ଘଟଣାରେ ପ୍ରାଣ ହରାଇଥିବା ଲୋକଙ୍କ ପ୍ରତି ଦୁଃଖ ପ୍ରକାଶ କରିଛନ୍ତି । ଏକ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ଶ୍ରୀ ମୋଦି ଦୁର୍ଘଟଣାରେ ନିଜ ପ୍ରିୟଜନଙ୍କୁ ହରାଇଥିବା ଲୋକଙ୍କ ପ୍ରତି ସମବେଦନା ଜ୍ଞାପନ କରିଛନ୍ତି । ପ୍ରତ୍ୟେକ ମୃତକଙ୍କ ନିକଟ ସମ୍ପର୍କୀୟଙ୍କୁ ପ୍ରଧାନମନ୍ତ୍ରୀ

ଜାତୀୟ ରିଲିଫ୍ ପାଣ୍ଠିରୁ ୨ ଲକ୍ଷ ଟଙ୍କାର ଅନୁକମ୍ପା ରାଶି ପ୍ରଦାନ କରାଯିବା ସହିତ ଆହତମାନଙ୍କୁ ମଧ୍ୟ ୫୦ ହଜାର ଟଙ୍କା ପ୍ରଦାନ କରାଯିବ ବୋଲି ପ୍ରଧାନମନ୍ତ୍ରୀ ଘୋଷଣା କରିଛନ୍ତି । ପୂର୍ବରୁ ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଦୁର୍ଘଟଣାରେ ଦୁଃଖ ପ୍ରକାଶ କରିବା ସହ ମୃତକଙ୍କ ପରିବାରପାଇଁ ୫ ଲକ୍ଷ ଟଙ୍କାର ଅନୁକମ୍ପା ରାଶି ଘୋଷଣା କରିଥିଲେ ।

ସୂଚନାଯୋଗ୍ୟ, ଏହି ଦୁର୍ଘଟଣାରେ ୧୧ ଜଣଙ୍କର ପ୍ରାଣହାନୀ ଘଟିଥିବାବେଳେ ଅନ୍ୟ ୪ ଜଣ ଏଥିରେ ଆହତ ହୋଇଥିଲେ । ୧୫ ଜଣ ଶ୍ରଦ୍ଧାଳୁଙ୍କୁ ନେଇ ପୃଥ୍ୱୀନାଥ ମନ୍ଦିରକୁ ଯାଉଥିବା ଏକ ବୋଲେରୋ ନିୟନ୍ତ୍ରଣ ହରାଇ ପରାସରାଇ ଆଲାଭାଲ ଦେଓରିଆ ରାସ୍ତାର ରେହେରା ଗ୍ରାମର ସର୍ଯ୍ୟୁ କେନାଲ ସେତୁ ନିକଟରେ ଥିବା କେନାଲରେ ଖସିପଡ଼ିବା ଯୋଗୁଁ ଏହି ଦୁର୍ଘଟଣା ଘଟିଥିଲା ।

## ଆନ୍ଧ୍ର - ମାଇଗ୍ରାଣ୍ଟ କିଲ୍ଡ୍

ଆନ୍ଧ୍ର ପ୍ରଦେଶର ବାପାଟ୍ଲା ଜିଲ୍ଲା ଅନ୍ତର୍ଗତ ବାଲିକୁରଭାସ୍ଥିତ ଏକ ଗ୍ରାନାଇଟ୍ ପଥର ଖଣିରେ ଆଜି ଦୁର୍ଘଟଣା ଘଟି ୬ ଜଣ ଶ୍ରମିକଙ୍କ ମୃତ୍ୟୁ ହୋଇଥିବାବେଳେ ଅନ୍ୟ ୩ ଜଣ ଆହତ ହୋଇଛନ୍ତି । ଖଣିକାର୍ଯ୍ୟ ଚାଲିଥିବା ସମୟରେ ଏହି ଶ୍ରମିକମାନଙ୍କ ଉପରେ ପଥରଖଣ୍ଡମାନ ପଡ଼ିଯାଇଥିଲା ।

ଦୁର୍ଘଟଣାରେ ଆହତ ଶ୍ରମିକମାନଙ୍କୁ ନାରାସାରାଓପେଟ୍ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି । ଦୁର୍ଘଟଣା ସମୟରେ ପ୍ରାୟ ୧୬ ଜଣ ଶ୍ରମିକ ଖଣିରେ କାମ କରୁଥିବା ସୂଚନା ମିଳିଛି । ମୁଖ୍ୟମନ୍ତ୍ରୀ ଏନ୍. ଚନ୍ଦ୍ରବାବୁ ନାଇଡୁ ଏହି ଦୁର୍ଘଟଣାପାଇଁ ଗଭୀର ଦୁଃଖ ପ୍ରକାଶ କରିବା ସହ ଆହତମାନଙ୍କୁ ଚିକିତ୍ସା ସହାୟତା ଯୋଗାଇ ଦେବା ନିମନ୍ତେ ନିର୍ଦ୍ଦେଶ ଦେଇଛନ୍ତି । ଦୁର୍ଘଟଣାର ଶିକାର ହୋଇଥିବା ବ୍ୟକ୍ତିମାନେ ଓଡ଼ିଶାର ବୋଲି ଜଣାଯାଇଛି ।

## ପି.ଏମ୍. - କାଣ୍ଡଲା ପୋର୍ଟ

ଗୁଜରାଟର କଚ୍ଛ ଜିଲ୍ଲା ଅନ୍ତର୍ଗତ କାଣ୍ଡଲାଠାରେ ଦୀନ୍‌ଦୟାଲ୍ ବନ୍ଦର କର୍ତ୍ତୃପକ୍ଷ' ଭାରତର ପ୍ରଥମ ମେକ୍ ଇନ୍ ଇଣ୍ଡିଆ ଗ୍ରୀନ୍ ହାଇଡ୍ରୋଜେନ୍ ପ୍ଲାଣ୍ଟ୍‌କୁ କାର୍ଯ୍ୟକ୍ଷମ କରିଛନ୍ତି । ଏହା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କର ନେଟ୍-୦ ଭିଜନ୍ ଦିଗରେ ଏକ ଶକ୍ତିଶାଳୀ ପଦକ୍ଷେପ ବୋଲି ବନ୍ଦର କର୍ତ୍ତୃପକ୍ଷଙ୍କ ପକ୍ଷରୁ କୁହାଯାଇଛି । ଏକ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ମୋଦି କହିଛନ୍ତି, ଏହା ଏକ ପ୍ରଶଂସନୀୟ ପ୍ରୟାସ, ସ୍ଥାୟୀତ୍ୱକୁ ତ୍ୱରାନ୍ୱିତ କରିବା ସହିତ ନେଟ-୦ ଭିଜନ୍‌କୁ ଏହା ସଶକ୍ତ କରିବ ।

# ଗୁଜରାଟ - ଅଶ୍ୱିନୀ ବୈଷ୍ଣବ

କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଆଜି ଗୁଜୁରାଟର ଭାବନଗର ରେଳଷ୍ଟେସନ୍‌ରୁ ଭାବନଗର-ଅଯୋଧ୍ୟା କ୍ୟାଣ୍ଟ ସାପ୍ତାହିକ ଟ୍ରେନ୍‌କୁ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି। ମନ୍ତ୍ରୀ ଶ୍ରୀ ବୈଷ୍ଣବ କହିଛନ୍ତି, ଗତ ୧୧ ବର୍ଷ ମଧ୍ୟରେ ଦେଶରେ ୩୪ ହଜାର କିଲୋମିଟର ନୂତନ ରେଳ ଲାଇନ୍ ବିଛାଯିବା ସହିତ ଭାରତୀୟ ରେଳବାଇରେ ବ୍ୟାପକ ପରିବର୍ତ୍ତନ ହୋଇଛି । ଭାବନଗର ରେଳଷ୍ଟେସନ୍‌ରେ ଜନସମାବେଶକୁ ସମ୍ବୋଧିତ କରି ଶ୍ରୀ ବୈଷ୍ଣବ ରେଳ ନେଟୱାର୍କର ବିକାଶ, ଆଧୁନିକୀକରଣ ଏବଂ ବିସ୍ତାର ଓ ରେଳଯାତ୍ରୀଙ୍କ ସୁରକ୍ଷା ଏବଂ ପରିଷ୍କାର ପରିଚ୍ଛନ୍ନତା ସୁନିଶ୍ଚିତ କରିବା ପାଇଁ ସରକାରଙ୍କ ପ୍ରତିବଦ୍ଧତାକୁ ଦୋହରାଇଛନ୍ତି। ମନ୍ତ୍ରୀ କହିଛନ୍ତି, ଦେଶର ୧ ହଜାର ୩୦୦ ଷ୍ଟେସନ୍‌ର ପୁନଃବିକାଶ ବିଶ୍ୱର ସବୁଠାରୁ ବଡ଼ ଷ୍ଟେସନ୍ ପୁନଃବିକାଶ ପ୍ରକଳ୍ପ।

**V/O – ASHWINI-VAISHNAV**

ନୂତନ ଟ୍ରେନ୍‌ଗୁଡ଼ିକ ଗୁଜୁରାଟ, ରାଜସ୍ଥାନ, ମଧ୍ୟପ୍ରଦେଶ, ଉତ୍ତରପ୍ରଦେଶ ଏବଂ ମହାରାଷ୍ଟ୍ର ସମେତ ବିଭିନ୍ନ ରାଜ୍ୟକୁ ଲାଭ ପହଁଞ୍ଚାଇବ। ଏହି ଅବସରରେ ରେଳମନ୍ତ୍ରୀ ଶ୍ରୀ ବୈଷ୍ଣବ ଗୁଜୁରାଟ ପାଇଁ ଅନେକ ଘୋଷଣା ମଧ୍ୟ କରିଥିଲେ।

## ରାୟପୁର-ଜବଲପୁର ନିୟୁ ଏକ୍ସପ୍ରେସ୍ ଟ୍ରେନ୍

ଛତିଶଗଡ଼ର ରାୟପୁର ରେଳଷ୍ଟେସନ୍‌ରୁ ରାୟପୁର-ଜବଲପୁର ନୂତନ ଏକ୍ସପ୍ରେସ୍ ଟ୍ରେନ୍ ଚଳାଚଳକୁ ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେଓ ସାଏ ଏବଂ ବାଚସ୍ପତି ଡକ୍ଟର ରମଣ ସିଂହ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି । ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, କେନ୍ଦ୍ରମନ୍ତ୍ରୀ ମନସୁଖ ମାଣ୍ଡଭିୟ ଏବଂ ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ମୋହନ ଯାଦବ ପ୍ରମୁଖ କାର୍ଯ୍ୟକ୍ରମରେ ଆଭାସୀ ମାଧ୍ୟମରେ ଯୋଗ ଦେଇଥିଲେ । ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ସାଏ କହିଛନ୍ତି, ଗତ ଦଶନ୍ଧି ମଧ୍ୟରେ ରାଜ୍ୟର ରେଳ ବଜେଟ୍ ପରିମାଣ ୨୧ଗୁଣ ବୃଦ୍ଧି ପାଇଛି । ଚଳିତ ବର୍ଷ ରେଳ ବିଭାଗକୁ ୬ ହଜାର ୯୦୦ କୋଟି ଟଙ୍କା ପ୍ରଦାନ କରାଯାଇଛି । ରାଜ୍ୟରେ ରେଳ ନେଟ୍‌ୱାର୍କ ବ୍ୟବସ୍ଥାର ଉନ୍ନତି କରିବା ସହ ଯାତ୍ରୀମାନଙ୍କ ସୁବିଧାକୁ ନୂତନ ଶିଖରରେ ପହଞ୍ଚାଇବା ଲକ୍ଷ୍ୟରେ ୪୭ ହଜାର କୋଟି ଟଙ୍କା ବିଭିନ୍ନ ରେଳ ପ୍ରକଳ୍ପ ମାଧ୍ୟମରେ କାର୍ଯ୍ୟକାରୀ କରାଯାଇଛି ବୋଲି ଛତିଶଗଡ଼ ମୁଖ୍ୟମନ୍ତ୍ରୀ କହିଛନ୍ତି ।

## ଇରାନ ରିଓପନ୍‌ସ ଏୟାରସ୍ପେସ୍

ଇସ୍ରାଏଲ୍ ସହିତ ଯୁଦ୍ଧବିରତି ହେବା ପରେ ଇରାନ୍ ତା'ର ବିମାନ ଉଡ଼ାଣ ପାଇଁ ଆକାଶମାର୍ଗ ସମ୍ପୂର୍ଣ୍ଣ ଉନ୍ମୁକ୍ତ କରିଛି । ଇରାନ୍‌ର ବେସାମରିକ

ବିମାନ ଚଳାଚଳ ସଂସ୍ଥା - ସି.ଏ.ଓ. ପକ୍ଷରୁ ସୂଚନା ଦିଆଯାଇଛି । ଫଳରେ ଉଭୟ ଘରୋଇ ଏବଂ ଅନ୍ତର୍ଜାତୀୟ ବିମାନ ଚଳାଚଳ ସ୍ୱାଭାବିକ ଅବସ୍ଥାକୁ ଫେରିଆସିଛି ବୋଲି ସି.ଏ.ଓ. ପକ୍ଷରୁ କୁହାଯାଇଛି । ତେହରାନ୍ ସ୍ଥିତ ମେହରାବାଦ  ଅନ୍ତର୍ଜାତୀୟ ବିମାନ ବନ୍ଦରଠାରେ ୨୪ ଘଣ୍ଟିଆ ବିମାନ ଚଳାଚଳ ପୁନଃ ଆରମ୍ଭ ହୋଇଛି । ଇରାନ୍ ଏୟାର୍‌ଲାଇନ୍‌ସ ପକ୍ଷରୁ ଯାତ୍ରୀମାନଙ୍କୁ ସମ୍ପୂର୍ଣ୍ଣ ବିମାନସେବା ଯୋଗାଇ ଦିଆଯାଇଛି । ତେହରାନ୍ ଉପରେ ଇସ୍ରାଏଲ୍ ବିମାନ ଆକ୍ରମଣ ଘଟଣା ପରେ ଜୁନ୍ ୧୩ ତାରିଖରେ ଇରାନ୍’ ବିମାନ ଚଳାଚଳପାଇଁ ଆକାଶପଥକୁ ବନ୍ଦ ରଖିଥିଲା ।

## ରୁଷ୍ - ଆର୍ଥକ୍ୱାକ୍

ରୁଷ୍‌ର କୁରିଲ୍ ଦ୍ୱିପାଞ୍ଚଳରେ ଆଜି ସକାଳେ ଭୂମିକମ୍ପ ଅନୁଭୂତ ହୋଇଛି । ରିକ୍ଟର ସ୍କେଲ୍‌ରେ ଏହା ତୀବ୍ରତା ୬ ଦଶମିକ ୮ ରେକର୍ଡ଼ କରାଯାଇଛି । ରୁଷ୍‌ର କାମ୍‌ଚଟ୍‌କା ଉପଦ୍ୱୀପର କେତେକ ଭାଗରେ ସୁନାମୀ ସତର୍କ ସୂଚନା ଜାରି କରାଯାଇଛି । ରୁଷ୍ ସରକାରୀ କାର୍ଯ୍ୟାଳୟ ପକ୍ଷରୁ ସୁନାମୀ ଯୋଗୁଁ ଉଚ୍ଚ ଲହରୀ ଆସିପାରେ ବୋଲି ମଧ୍ୟ ଜନସାଧାରଣଙ୍କୁ ସତର୍କ କରାଯାଇଛି । ଏକ ସପ୍ତାହ ମଧ୍ୟରେ ରୁଷ୍‌ରେ ଏହା ଦ୍ୱିତୀୟ ଥର ଭୂମିକମ୍ପ ଅନୁଭୂତ ହୋଇଥିଲା । ଗତମାସ ୩୦ ତାରିଖରେ ୮ ଦଶମିକ ୮ ତୀବ୍ରତା

ବିଶିଷ୍ଟ ଭୂମିକମ୍ପ ଅନୁଭୂତ ହୋଇଥିଲା । ଏହାପରେ ମଧ୍ୟ କେତେଗୁଡ଼ିଏ ଛୋଟ ଛୋଟ ଭୂମିକମ୍ପ ହୋଇଥିଲା । ୬୦୦ ବର୍ଷରେ ଭୂମିକମ୍ପରେ ପ୍ରଥମ ଥରପାଇଁ କାମ୍‌ଚଟ୍‌କାରେ ଥିବା କ୍ରାସେନିନିକୋଭ୍ ଆଗ୍ନେୟଗିରିରୁ ଉଦ୍‌ଗୀରଣ ହୋଇଥିଲା ।

# କ୍ରିକେଟ

ଲଣ୍ଡନର ଓଭାଲ୍‌ଠାରେ ଚାଲିଥିବା ଆଣ୍ଡର୍ସନ-ତେନ୍ଦୁଲ୍‌କର ଟ୍ରଫିର ପଞ୍ଚମ ତଥା ଚୂଡ଼ାନ୍ତ ଟେଷ୍ଟ ମ୍ୟାଚ୍‌ର ଆଜି ଚତୁର୍ଥ ଦିନରେ ଇଂଲଣ୍ଡ ତା'ର ଦ୍ୱିତୀୟ ଇନିଙ୍ଗ୍‌ସ ଖେଳ ଆରମ୍ଭ କରିଛି । ବିଜୟପାଇଁ ଭାରତ ଧାର୍ଯ୍ୟ କରିଥିବା ୩୭୪ ରନ୍‌ର ପିଛା କରି ଇଂଲଣ୍ଡ' ସମ୍ବାଦ ପ୍ରସ୍ତୁତ ହେବାବେଳକୁ ୩ଟି ୱିକେଟ୍ ହରାଇ ୨୨୮ ରନ୍ ସଂଗ୍ରହ କରିଛି । ଇଂଲଣ୍ଡ ତୃତୀୟ ଦିନ ଖେଳ ଶେଷ ସୁଦ୍ଧା ଗୋଟିଏ ୱିକେଟ୍ ହରାଇ ୫୦ ରନ୍ ସଂଗ୍ରହ କରିଥିଲା ।

ଗତକାଲି ଭାରତ ତା'ର ଦ୍ୱିତୀୟ ଇନିଙ୍ଗ୍‌ସରେ ୩୯୬ ରନ୍ କରିଥିଲା । ଏହି ଟେଷ୍ଟ ମ୍ୟାଚ୍‌ର ପ୍ରଥମ ଇନିଙ୍ଗ୍‌ସରେ ଭାରତ ୨୨୪ ରନ୍ ସଂଗ୍ରହ କରିଥିବାବେଳେ ଇଂଲଣ୍ଡ ୨୪୭ ରନ୍ କରିଥିଲା ।

*****